## ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗ ସଚିବ ସି. କେ. ବେଣୁଗୋପାଳଙ୍କ ହିମିକୃତ ଶୁକ୍ର ଭଣ୍ଡାର ପରିଦର୍ଶନ

ଅଦ୍ୟ ତା୬।୮।୦୫ ରିଖ ଦିନ ମତ୍ସ୍ୟ ଓ ପଶୁ ସଂପଦ ବିକାଶ କମିଶନର ତଥା ବିଭାଗୀୟ ସଚିବ ସି. କେ. ବେନୁଗୋପାଳ କଟକ ଜିଲ୍ଲାର ଫୁଲନଖରାସ୍ଥିତ ଆଞ୍ଚଳିକ ପଶୁ ଗବେଷଣା ପ୍ରତିଷ୍ଠାନ ଏବଂ ଖପୁରିଆସ୍ଥିତ ହିମିକୃତ ଶୁକ୍ରଭଣ୍ଡାର ପରିଦର୍ଶନ କରିଛନ୍ତି । ଏହି ସମୟରେ ପଶୁ ସଂପଦ ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ଧଳ, ଯୁଗ୍ମ ନିର୍ଦ୍ଦେଶକ ଡାଃ. ସତ୍ୟ ନାରାୟଣ ପଟ୍ଟନାୟକ, ସୂଚନା ଅଧିକାରୀ ଡାଃ. ବୀର କିଶୋର ପରିଡ଼ା, ଉପନିର୍ଦ୍ଦେଶକ ଡାଃ ରାମଚନ୍ଦ୍ର ସେଠୀଙ୍କ ସମେତ ବିଭାଗୀ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଚିବ ଶ୍ରୀଯୁକ୍ତ ବେନୁଗୋପାଳ ଆଞ୍ଚଳିକ ପଶୁ ଗବେଷଣାଗାରର କାର୍ଯ୍ୟାବଳୀ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହିତ ଉକ୍ତ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ସେହିପରି ଜାତୀୟ ଗୋପ୍ରଜନନ ଯୋଜନାରେ ଅନ୍ତର୍ଭୁକ୍ତ ହିମିକୃତ ଶୁକ୍ର ଭଣ୍ଡାରରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ସମୀକ୍ଷା କରିବା ସହିତ ସଂଗୃହୀତ ଶୁକ୍ର କୀଟର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଉନ୍ନତମାନର ଷଣ୍ଢଠାରୁ ସଂଗୃହୀତ ସିମେନ୍‌ଠାରୁ ଆରମ୍ଭ କରି ଏହାର ଉପଯୁକ୍ତ ସଂରକ୍ଷଣ ଓ କୃତ୍ରିମ ପ୍ରଜନନ ହେବା ପର୍ଯ୍ୟନ୍ତ ପ୍ରତି ସେକ୍‌ସନ୍‌ରେ ଚାର୍ଟ ଟାଙ୍ଗି ସୁଚାରୁ ରୂପେ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ତ୍ତବ୍ୟରତ ଡାକ୍ତର ତଥା କର୍ମଚାରୀମାନଙ୍କୁ ଉପଦେଶ ଦେଇଥିଲେ । ତାଙ୍କର ଏହି ଗସ୍ତ ସମୟରେ ହିମିକୃତ ଶୁକ୍ର ଭଣ୍ଡାରରେ ଷଣ୍ଢ ପାଳନ, ଶୁକ୍ର ସଂଗ୍ରହ ସ୍ଥାନ, ଯନ୍ତ୍ରପାତି ବିଶୋଧନ, ଶୁକ୍ର ପ୍ରକ୍ରିୟାକରଣ ପ୍ରୟୋଗଶାଳା, ତରଳ ଯବକ୍ଷାରଜାନ ପ୍ଲାଣ୍ଟ, ପ୍ରଶିକ୍ଷଣ କକ୍ଷ, ସବୁଜ ଘାସ ଚାଷ ଆଦି ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ ।

ପ୍ରକାଶ ଥାଉକି ବିଗତ ବର୍ଷ ଉକ୍ତ ଶୁକ୍ର ଭଣ୍ଡାରରୁ କୃତ୍ରିମ ପ୍ରଜନନ ପାଇଁ ୬ ଲକ୍ଷ ୬୧ ହଜାର 'ସିମେନ୍ ଷ୍ଟ୍ର' ଉତ୍ପାଦିତ ହୋଇଥିବାବେଳେ ଚଳିତ ବର୍ଷ ଏହା ୮ ଲକ୍ଷକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି । ଆଗାମୀ ବର୍ଷମାନଙ୍କରେ ୨୦ ଲକ୍ଷ କୃତ୍ରିମ ପ୍ରଜନନ ପାଇଁ ୩ କୋଟି ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ଏହି ଶୁକ୍ର ଭଣ୍ଡାରରେ ବିଭିନ୍ନ ପ୍ରକାର ଉନ୍ନତମାନର ଷଣ୍ଢ ଯଥା ଜର୍ସି - ୬୭ ଗୋଟି, ଶଙ୍କର -୧୯ ଗୋଟି, ରେଡ୍‌ସିନ୍ଧି- ୧୩ ଗୋଟି ଏବଂ ହରିଆନା - ୭ ଗୋଟି ରହିଛି ।

ଜାତୀୟ ଗୋ-ପ୍ରଜନନ ଯୋଜନାରେ ବିଗତ ବର୍ଷ ୨୮୯ ଜଣ ବେକାର ଯୁବକ ଓ ଯୁବତୀଙ୍କୁ ଆତ୍ମନିଯୁକ୍ତି ଭିତ୍ତିରେ ଗୋମିତ୍ର ଭାବେ ଆବଶ୍ୟକୀୟ ତାଲିମ ଓ ନିଯୁକ୍ତି ଦିଆଯାଇ ସାରିଥିବା ବେଳେ ଚଳିତ ବର୍ଷ ୧୮୮ ଜଣ ଗୋମିତ୍ରଙ୍କୁ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।



## ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋଲକ ବିହାରୀ ନାଏକଙ୍କ କୋରାପୁଟ ପରିଦର୍ଶନ

ତା୧୯।୭।୦୫ ରିଖ ଦିନ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋଲକ ବିହାରୀ ନାଏକ ଜୁମୁରିପୁଟଠାରେ ଏକ ବିରାଟ ପଶୁ ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଏକ ସାଧାରଣ ସଭାରେ ଯୋଗଦାନ କରି ଗୋ ସଂପଦ ବିକାଶ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ କୃତ୍ରିମ ପ୍ରଜନନ ସେବାକୁ ଉପଲବ୍ଧ କରିବା ପାଇଁ ଉପସ୍ଥିତ ସମବେତ ଗୋପାଳକ ଭାଇ ଓ ଭଉଣୀମାନଙ୍କୁ ପରାମର୍ଶ ଦେଇଥିଲେ । ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ - ଶ୍ରୀ ବିଜୟ କୁମାର ଧଳ, ଗୋ-ପ୍ରଜନନର ଭାରପ୍ରାପ୍ତ ଅଧିକାରୀ ଡାଃ ପ୍ରତାପ କୁମାର ସାହୁ, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ କେ. ପି. ପାତ୍ର, ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ, ଉପନିର୍ଦ୍ଦେଶକ (କୁକୁଡ଼ ଉନ୍ନୟନ) ଡାଃ ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ଡାଃ ବିଚ୍ଛୁ କିଶୋର ପରିଡ଼ାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଉକ୍ତ ଶିବିରେ ୨୪୮ ଗୋଟି ଗାଈ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୬୦ ଗୋଟି କୃମି ଜନିତ ଚିକିତ୍ସା, ୩୦ ଗୋଟି ବନ୍ଧ୍ୟାଦୋଷ, ୨୨ ଗୋଟି ଧରାଣ, ୩୬ ଗୋଟି ସାଧାରଣ ରୋଗରେ ଚିକିତ୍ସା କରାଯାଇଥିଲା । ଏଥିରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ସମେତ ୫୦୦ ରୁ ଊର୍ଦ୍ଧ୍ୱ ଗୋପାଳକ ଅଂଶ ଗ୍ରହଣ କରିଥିଲେ ।

## ପ୍ରଗତି ପଥେ ନାରୀ ଉନ୍ନୟନ ସ୍ୱରୋଜଗାର ସମିତି



କଟକ ଜିଲ୍ଲାର ନିଆଳୀ ବ୍ଲକ୍ ଅନ୍ତର୍ଗତ ମା'ଭୈରବୀ ମହିଳା ସମିତି, ବିକାଶୁଣୀ ଦ୍ୱାରା ଗଠିତ ନାରୀ ଉନ୍ନୟନ ସ୍ୱରୋଜଗାର ସମିତି, ବଡ଼ ବାଙ୍କି ହାଟି ୧୬ଜଣ ମହିଳା ସଭ୍ୟାଙ୍କୁ ନେଇ ୨୦୦୧ ମସିହା ଜାନୁଆରୀ ମାସରେ ଗଠିତ ହୋଇଥିଲା । ଏହି ମହିଳା ଗୋଷ୍ଠୀ ମାସିକ ପାଳି ଜମା କିସ୍ତି ୩୦ ଟଙ୍କା ହିସାବରେ ବର୍ତ୍ତମାନ ସୁଦ୍ଧା ୬୦ ହଜାର ଟଙ୍କା ଜମା ପାଣ୍ଠି ରଖିବା ସହିତ ବିନା ଋଣ ଗାଈରେ ଦୈନିକ ୨୦୦ ରୁ ୩୦୦ ଲିଟର କ୍ଷୀର ସଂଗ୍ରହ କରି ଓମ୍‌ଫେଡ୍‌କୁ ପଠାଇବାରେ ରେକର୍ଡ ସୃଷ୍ଟି କରିଛନ୍ତି । କେବଳ ଦେଶୀ ଗାଈରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ କୃତ୍ରିମ ପ୍ରଜନନ ସେବା ମାଧ୍ୟମରେ ୧୦୦ ରୁ ଊର୍ଦ୍ଧ୍ୱ ଦୁଧିଆଳୀ ଗାଈ ସୃଷ୍ଟି କରିଛନ୍ତି । ଏବଂ ଏହି ଗୋଷ୍ଠୀ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଓ ନାବାର୍ଡ଼ରୁ ଘୂର୍ଣ୍ଣନି ପାଣ୍ଠି ବାବଦକୁ ୨୫ ହଜାର ଟଙ୍କା ପାଇବା ସହିତ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ୩ ଲକ୍ଷ ୯୮ ହଜାର ଟଙ୍କା ଗୋପାଳନ ପାଇଁ ଋଣ ମଞ୍ଜୁର ହୋଇଛି । ଏହି ମହିଳା ସମିତିର ସେକ୍ରେଟେରୀ ସନ୍ଧ୍ୟାରାଣୀ ଦାସ ଏବଂ ସଭାପତି-ବଳିଲତା ପ୍ରଧାନ ଅଟନ୍ତି । ମା'ଭୈରବୀ ମହିଳା ସମିତିର ସେକ୍ରେଟାରୀ ଅଞ୍ଜନା ମହାନ୍ତି କହନ୍ତି ବର୍ତ୍ତମାନ ସୁଦ୍ଧା ଏହି ସଂଗଠନ ୮୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଛନ୍ତି ।

### କେନ୍ଦ୍ର ଯୁଗ୍ମ ସଚିବ ନୀତା ଚୌଧୁରୀଙ୍କ ୨ ଦିନିଆ ଓଡ଼ିଶା ଗସ୍ତ

ତା୨୩।୧୦।୦୫ରିଖ ଠାରୁ ତା୨୪।୧୦।୦୫ ରିଖ ପର୍ଯ୍ୟନ୍ତ ୨ଦିନିଆ ଗସ୍ତରେ କେନ୍ଦ୍ର ପଶୁ ପାଳନ ବିଭାଗର ଯୁଗ୍ମ ସଚିବ ନୀତା ଚୌଧୁରୀ ଇତି ମଧ୍ୟରେ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ଅନୁଷ୍ଠାନ ଯଥା- ହିମିକୃତ ଶୁକ୍ର ଭଣ୍ଡାର ଓ ଅନ୍ୟାନ୍ୟ ଅନୁଷ୍ଠାନ ଆଦି ପରିଦର୍ଶନ କରି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ଜାତୀୟ ଗୋ-ପ୍ରଜନନ ଯୋଜନା' ଏବଂ ଏହାର ସଫଳତା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ଆବଶ୍ୟକୀୟ ପରାମର୍ଶ ଏବଂ ସମୀକ୍ଷା କରିଥିଲେ ।

### କର୍ମଚାରୀଙ୍କ ପଦୋନ୍ନତି

ଚଳିତବର୍ଷ ୩୩ଜଣ କନିଷ୍ଠ ପଶୁଚିକିତ୍ସା ଅଧିକାରୀଙ୍କ ନିୟମିତ ଦ୍ୱିତୀୟ ଶ୍ରେଣୀ 'ବି' ଗ୍ରେଡ୍ ବା ପଶୁଚିକିତ୍ସକ ଭାବେ ପଦୋନ୍ନତି ଦିଆଯାଇଥିବାବେଳେ ୧୪ଜଣ ପଶୁଚିକିତ୍ସକଙ୍କୁ ଜୁନିଅର ପ୍ରଥମଶ୍ରେଣୀ 'ଏ' ପାହ୍ୟା ବା ଉପଖଣ୍ଡ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ନୂତନ ଭାବରେ ଜେ.ଭି.ଓଙ୍କ ନିଯୁକ୍ତି ଦିଆଯାଉଅଛି ଓ ୩୦୦ ଜଣ ନୂତନ ଗୋମିତ୍ରଙ୍କୁ ନିୟୋଜନ କରାଯାଉଅଛି ।

**ଗୋରୁ ଯେ ସାକ୍ଷାତ ଦେବତା, ଜୀବର ହରତା କରତା ।**